# ଏ ଅହଂକାର ଶୁଭଙ୍କର ନୁହେଁ

ଆଜି ରାଜ୍ୟସଭା ନିର୍ବାଚନ । ତେବେ ଏହି ନିର୍ବାଚନକୁ ନେଇ ଗତ ଦୁଇ ସପ୍ତାହ ଧରି ଯେଉଁସବୁ ଖବର, ଆଲୋଚନା, ଅଟକଳ ଓ ଅନୁମାନ ଗଣମାଧ୍ୟମରେ ପ୍ରକାଶ ପାଉଛି ତାହା ଆମ ଗାଣତନ୍ତ୍ରିକ ବ୍ୟବସ୍ଥାର ହିତ ଦୃଷ୍ଟିରୁ ଆଦୌ ସ୍ପୃହଣୀୟ ହେଉନାହିଁ । ରାଜ୍ୟସଭା ନିର୍ବାଚନର ଗଣିତ ମୂଳରୁ ଅତ୍ୟନ୍ତ ସ୍ପଷ୍ଟ ଥିଲା । ୧୪୭ ଆସନ ବିଶିଷ୍ଟ ବିଧାନସଭାରେ ଏଥର ତିନିଜଣ ସଭ୍ୟଙ୍କୁ ନିର୍ବାଚିତ କରିବା ପାଇଁ ହେଲେ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ସର୍ବନିମ୍ନ ୩୭ ଜଣ ବିଧାୟକଙ୍କ ସମର୍ଥନ ହାସଲ କରିବାକୁ ହେବ । ବିଧାନସଭାରେ ଆମ ଦଳମାନଙ୍କର ସ୍ଥିତି ଯାହା ବିଜୁ ଜନତାଦଳ ଅନାୟାସରେ ଦୁଇଟି ଆସନ ହାସଲ କରିପାରିବ । ତୃତୀୟ ଆସନ ପାଇଁ ଅନ୍ୟ କୌଣସି ଦଳ ପାଖରେ ଆବଶ୍ୟକୀୟ ସଂଖ୍ୟା ନାହିଁ । ସେଥିପାଇଁ ଅନ୍ୟ ଦଳର ସମର୍ଥନ ଦରକାର । ଶାସକ ଦଳ ହିସାବରେ ବିଜୁ ଜନତାଦଳ ଏ କ୍ଷେତ୍ରରେ ନେତୃତ୍ୱ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ପାରିଥାନ୍ତା । କଳା, ସଂସ୍କୃତି ଓ ସାହିତ୍ୟରେ ସମୃଦ୍ଧ ଜଗନ୍ନାଥଙ୍କର ଏ ପୁଣ୍ୟ ଭୂମିରୁ କାହାକୁ ଜଣେ ମନୋନୀତ କରି ସର୍ବଦଳୀୟ ପ୍ରାର୍ଥୀ ହିସାବରେ ରାଜ୍ୟସଭାକୁ ପଠାଯାଇ ପାରିଥାନ୍ତା । ଫଳରେ ନା ନିର୍ବାଚନର ଆବଶ୍ୟକତା ପଡ଼ିଥାଆନ୍ତା ନା ଗତ ଦୁଇ ସପ୍ତାହ ଧରି ଯାହାସବୁ ଘଟୁଛି ତାହା ଘଟିବାର ଅବକାଶ ଥାଆନ୍ତା । ତାହା ନ କରି ବିଜେଡିର ତଥାକଥିତ ମୁଖ୍ୟ ପରାମର୍ଶଦାତା ଓଲଟା ବିବୃତି ଦେଲେ ଯେ ଆମର ୧୧୧ ଅଛି । ସେଥିରେ ଧୂଳିମଳି ନାହିଁ । ଏହାଦ୍ୱାରା ଆମ ସମ୍ବିଧାନର କେବଳ ଉଲ୍ଲଘଂନ ହେଉ ନାହିଁ, ଆମ ଓଡ଼ିଶାର ସ୍ୱାଭିମାନ ଏବଂ ଆମ ବିଧାୟକମାନଙ୍କର ଆତ୍ମସମ୍ମାନ ଭୂଲୁଣ୍ଠିତ ହୋଇଛି ।

ରାଜନୀତିରେ ଘୋଡ଼ାବେପାରକୁ ପ୍ରତିରୋଧ କରିବା ପାଇଁ ଦଳବଦଳ ବିରୋଧୀ ଆଇନ ପାରିତ ହୋଇଥିଲା । ପୁଣି ବିଧାନସଭାରେ ବିଧାୟକମାନଙ୍କର ଭୋଟଦାନ ପ୍ରକ୍ରିୟାକୁ ଦଳୀୟ ଅନୁଶାସନର ଅନୁକୂଳ କରିବା ପାଇଁ

## ଆମ ଘରର ହାଲଚାଲ

**ସୌମ୍ୟରଂଜନ ପଟ୍ଟନାୟକ**

ଖୋଲାଭୋଟ୍ ପ୍ରଦାନର ବ୍ୟବସ୍ଥା କରାଗଲା । ଦଳକୁ ଓ ଦଳୀୟ ସଭ୍ୟମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ହ୍ୱିପ୍‌ର ବ୍ୟବସ୍ଥା ଅଛି । ଦଳ ମୋଟାମୋଟି ଭାବେ ଆମ ବ୍ୟବସ୍ଥାକୁ ସଂପୂର୍ଣ ନିୟନ୍ତ୍ରଣ କରୁଛି । ଏଭଳି ପରିସ୍ଥିତିରେ ଗୋଟିଏ ଶାସକ ଦଳ ଅନ୍ୟ ଦଳର ସଭ୍ୟମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସମର୍ଥନ ହାସଲ କରିବା କେଉଁ ନୈତିକତାର ପରିଚୟ ଦେଉଛି? ଆଜି ଖବର ମିଳୁଛି, କେଉଁ ବିଧାୟକ ନିଖୋଜ ହୋଇଗଲେଣି ତ ଆଉ କାହାକୁ ଅପହରଣ କରି ନିଆଯାଇଛି ବୋଲି ପୋଲିସରେ ଏତଲା ଦିଆଗଲାଣି । ଆମ ବିଧାୟକମାନେ କଣ ଏତେ ଶସ୍ତା ଯେ ତାଙ୍କୁ ଯେ କେହି କିଣି ନେଇ ପାରିବ? ତାଙ୍କର କଣ କୌଣସି ନିଜସ୍ୱ ମତ ନାହିଁ ନା ସେ ମତକୁ ପ୍ରକାଶ କରିବାର ଅଧିକାର ନାହିଁ? ଆମ ଦଳୀୟ ବିଧାୟକମାନଙ୍କର କଣ ଏତିକି ହିତାହିତ ଜ୍ଞାନ ନାହିଁ ଯେ ସେମାନଙ୍କୁ ସୌଖୀନ ହୋଟେଲରେ ନଜର ବନ୍ଦୀ କରି ରଖାଯିବ? ରାତି ଅଧରେ ପଛକବାଟ ଦେଇ ସେମାନଙ୍କୁ ଲୁଚିକରି ଆସିବାକୁ ପଡ଼ିବ? ପଞ୍ଚାୟତ ନିର୍ବାଚନରେ ୱାର୍ଡ ମେମ୍ବର ଓ ସମିତି ସଭ୍ୟମାନଙ୍କୁ ଏଭଳି ଅପହରଣ କରି ନିଆଯିବାର ଖବର ଓ ନଜିର ଆମେ ଜାଣିଥିଲୁ । ଆଜି ଆମ ବିଧାୟକମାନଙ୍କୁ ମଧ୍ୟ ସେଭଳି ଦଶା ଭୋଗିବାକୁ ପଡୁଛି । ଆମ ବିଚାରରେ ଛଅଜଣ ସ୍ୱାଧୀନ ବିଧାୟକଙ୍କୁ ଛାଡ଼ିଦେଲେ ଏ ନିର୍ବାଚନରେ ଅନ୍ୟ କୌଣସି ସଭ୍ୟଙ୍କର ବିଶେଷ କିଛି କହିବାର ନାହିଁ କି କରିବାର ନାହିଁ । ଦଳୀୟ ବିଧାୟକ ଶୃଙ୍ଖଳା ଦୃଷ୍ଟିରୁ ଦଳର ନିଷ୍ପତ୍ତି ମାନିବାକୁ ବାଧ୍ୟ । ନ ହେଲେ ବିଧି ଅନୁସାରେ ସେ ଦଣ୍ଡିତ ହେବା ପାଇଁ ଯୋଗ୍ୟ । ଭୋଟଦାନ ପ୍ରକ୍ରିୟାରେ ପାରଦର୍ଶିତା ଆଣିବା ପାଇଁ ଯଦି ଖୋଲା ଭୋଟଦାନର ବ୍ୟବସ୍ଥା ହୋଇପାରୁଛି- କିଏ, କାହାକୁ, କେଉଁଥିପାଇଁ ଭୋଟ ଦେଲେ ସେ କଥା ଖୋଲାଖୋଲି ପ୍ରକାଶ ନ କରିବେ କାହିଁକି? ଏହା ଆମ ଗଣତନ୍ତ୍ରକୁ ଅଧିକ ସମୃଦ୍ଧ କରନ୍ତା ।

ଆଜିର ନିର୍ବାଚନର ଫଳାଫଳ ଶାସନ ଉପରେ ବିଶେଷ କିଛି ପ୍ରଭାବ ପକାଇବା ପରି ମନେ ହେଉ ନାହିଁ । କିନ୍ତୁ ଆମ ବିଧାୟକମାନେ ସବୁଦିନ ପାଇଁ ଲୋକଚକ୍ଷୁରେ ନିନ୍ଦିତ ହୋଇ ରହିବେ । ଶାସକ ବିଜେଡି ଦଳ ତାହା ନ କରି, ପରଦା ପଛରେ ରହି, ଯେନତେନ ପ୍ରକାରେ, ଫଳେ, ପୁଷ୍ପେ କିମ୍ବା ପ୍ରହାରେ, ତୃତୀୟ ଆସନଟିକୁ ହାସଲ କରି ନେଲେ କେଉଁ ଯଶକୀର୍ତ୍ତି ପାଇବ? ଏହା ଅଯଥା ଅହଂକାର ଛଡ଼ା ଆଉ କିଛି ନୁହେଁ । ଏ ଅହଂକାର ଆମ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ।